# ଶୁଭ୍ରକଳି ଓ ମନ୍ଦାକିନୀ

୦୨/୦୬/୨୦୦୨

**ଆମ ଘରର ହାଲ୍‌ଚାଲ୍**

**ସୌମ୍ୟରଂଜନ ପଟ୍ଟନାୟକ**

ଗତକାଲି ପ୍ରକାଶ ପାଇଥିବା ହାଇସ୍କୁଲ୍ ଓ ଯୁକ୍ତ ୨ ଶ୍ରେଣୀର ପରୀକ୍ଷାଫଳ ଗୋଟିଏ ଦୃଷ୍ଟିରୁ ନିଶ୍ଚିତ ଭାବେ ଉଲ୍ଲେଖନୀୟ ହୋଇ ରହିବ । ମହିଳା ସଶକ୍ତିକରଣ ବର୍ଷରେ ତିନିଜଣ ମେଧାବୀ ଛାତ୍ରୀ ନିଜ ନିଜ ଶ୍ରେଣୀରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିବା ଫଳରେ ମନେ ହେଉଛି ସତେ ଯେପରି ସଶକ୍ତିକରଣ ବର୍ଷର ଆହ୍ୱାନକୁ ଆମ ସାନ ଭଉଣୀମାନେ ସକଳ ନିଷ୍ଠାର ସହିତ ଗ୍ରହଣ କରିଛନ୍ତି । ଗ୍ରାମାଞ୍ଚଳର ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀ ନିଜ ସଫଳତା ମାଧ୍ୟମରେ ସହରାଞ୍ଚଳର ଅହେତୁକ ପ୍ରାଧାନ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଶାର ପୁରପଲ୍ଲୀରୁ ଏବେ ସହରାଞ୍ଚଳକୁ ସୁଅ ଛୁଟିଛି । ସହର ସକଳ ସମ୍ଭାବନାର ସୂତ୍ର ବୋଲି ଆମେ ସମସ୍ତେ ଭାବି ନେଇଛୁ । ଏହି ପରିପ୍ରେକ୍ଷୀରେ ଶୁଭ୍ରକଳିର ସଫଳତା ଉଜାଣି ଗଙ୍ଗା ସଦୃଶ ହୋଇଛି । ଓଡ଼ିଶା ପାଇଁ କିନ୍ତୁ ଏହା ଏକ ଶୁଭ ଲକ୍ଷଣ ।

ଶୁଭ୍ରକଳି, ନାଜନିନ୍ ଓ ରାଧିକାଙ୍କର ସଫଳତା ଆମକୁ ଯେତିକି ଉତ୍ସାହିତ କରୁଛି, ମନ୍ଦାକିନୀଙ୍କ କ୍ଷୋଭ ତାହାଠାରୁ ଅଧିକ ବିବ୍ରତ କରୁଛି । ଏ ମନ୍ଦାକିନୀ କିଏ? ସୁଦୂର ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜରେ ବଣମଲ୍ଲୀ ପରି ଫୁଟି ଉଠିଥିବା ଜଣେ ଅନନ୍ୟା ଖେଳ ପ୍ରତିଭା ହେଉଛନ୍ତି ମନ୍ଦାକିନୀ । ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଶ୍ୟାମ ସୁନ୍ଦର ମହନ୍ତଙ୍କ କନ୍ୟା । ଓଡ଼ିଆରେ ଏମ୍.ଏ. ପାଶ୍ କରିଛନ୍ତି । କିନ୍ତୁ ତାଙ୍କର ଅସଲ ପରିଚୟ ହେଲା ଭାର ଉତ୍ତୋଳନ ପ୍ରତିଯୋଗିତାରେ ସଫଳତା ହାସଲ କରି ସେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି । ୨୦୦୦ ମସିହାରେ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ଏସୀୟ ଭାର ଉତ୍ତୋଳନ ପ୍ରତିଯୋଗିତାରେ ସେ ରୌପ୍ୟ ପଦକ ହାସଲ କରିଥିଲେ । ସେଇ ବର୍ଷ ଚେକ୍ ରିପବ୍ଲିକ୍‌ରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଭାର ଉତ୍ତୋଳନ ପ୍ରତିଯୋଗିତାରେ ପଞ୍ଚମ ସ୍ଥାନ ଅଧିକାର କରିଥିଲେ । କିନ୍ତୁ ଭାର ଉତ୍ତୋଳନର ଏହି ପ୍ରତିଯୋଗିତାଗୁଡ଼ିକରେ ଭାଗ ନେବାପାଇଁ ତାଙ୍କୁ କମ୍ ଋଣଭାର ବହନ କରିବାକୁ ପଡ଼ିନାହିଁ । ଅର୍ଥାଭାବରୁ ୨୦୦୧ ମସିହାର ଭାର ଉତ୍ତୋଳନ ପ୍ରତିଯୋଗିତାରେ ସେ ଭାଗ ନେଇପାରିଲେ ନାହିଁ । ୨୦୦୨ ମସିହାର ଏସୀୟ ଭାର ଉତ୍ତୋଳନ ପ୍ରତିଯୋଗିତା ଗତ ୧୫ରୁ ୧୯ ତାରିଖରେ କୋରିଆରେ ଅନୁଷ୍ଠିତ ହୋଇଯାଇଛି । ସେଥିରେ ଭାଗ ନେବାପାଇଁ ୬୦ ହଜାର ଟଙ୍କାର ଆବଶ୍ୟକତା ଥିଲା । ମନ୍ଦାକିନୀ ମାତ୍ର ୪୪ ହଜାର ଟଙ୍କା ଯୋଗାଡ଼ କରିପାରିଥିଲେ । ଦିଲ୍ଲୀ ଯାଇ ଆଉ ୨ ଦିନ ସମୟ ମାଗିଥିଲେ । କିନ୍ତୁ ତାହା ମଧ୍ୟ ଦେବାପାଇଁ କର୍ତ୍ତୃପକ୍ଷ ରାଜି ହେଲେ ନାହିଁ । ଅନ୍ୟ ପ୍ରଦେଶର ପ୍ରତିଯୋଗୀମାନଙ୍କୁ ସେମାନଙ୍କର ସରକାର ଏବଂ ପ୍ରଦେଶର ଶିଳ୍ପାନୁଷ୍ଠାନମାନେ ସହଯୋଗ ଦେଇଥିବା କଥା ସେ ଜାଣିଲେ । ମନ୍ଦାକିନୀଙ୍କ ପ୍ରବଳ ଇଚ୍ଛାଶକ୍ତି କିନ୍ତୁ ବର୍ତ୍ତମାନ ଅନୁଷ୍ଠିତ ହେଉଥିବା ମହିଳା ବିଶ୍ୱକପ୍ ପ୍ରତିଯୋଗିତାରେ ଭାଗ ନେବାପାଇଁ ତାଙ୍କୁ ଟାଣିନେଇଛି ସୁଦୂର ଜର୍ମାନୀକୁ । ଆନ୍ତର୍ଜାତିକ ପ୍ରତିଯୋଗିତାରେ ଭାଗ ନେବା ଆଜିକାଲି ଅତ୍ୟନ୍ତ ବ୍ୟୟସାପେକ୍ଷ ହୋଇପଡ଼ିଛି । ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ହେଉ କିମ୍ବା ମୋଟର କାର୍ ରେସ୍ ହେଉ, ସବୁରି ପାଇଁ ଉଦାରମନା ପୃଷ୍ଠପୋଷକର ଆବଶ୍ୟକତା ପଡୁଛି । ଏଗୁଡ଼ିକ ପାଇଁ ପୃଷ୍ଠପୋଷକତା ସହଜରେ ମିଳିଯାଉଥିବାବେଳେ ଭାର ଉତ୍ତୋଳନ ପାଇଁ ସେପରି କୌଣସି ଆଗ୍ରହ ନାହିଁ । ଅତୀତରେ ଏହି ପୃଷ୍ଠପୋଷକତାର ଦାୟିତ୍ୱ ରାଜା ମହାରାଜାମାନେ ନେଉଥିଲେ । ସେହିମାନଙ୍କ ପୃଷ୍ଠପୋଷକତାରେ ଯତକିଞ୍ଚିତ୍ କଳା, ସଙ୍ଗୀତ ଓ ସ୍ଥାପତ୍ୟର ବିକାଶ ଘଟୁଥିଲା । ଏବେ ବି ଗଡ଼ଜାତ ଅଞ୍ଚଳର ମୁଷ୍ଟିମେୟ ଶିକ୍ଷାନୁଷ୍ଠାନ ମାଧ୍ୟମରେ ଓଡ଼ିଶାର ବହୁ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିବାର ସୁବିଧା ସୁଯୋଗ ପାଇପାରିଛନ୍ତି । ରେଭେନ୍‌ସା କଲେଜର କନିକା ଲାଇବ୍ରେରୀ ହେଉ ବା ବିଶ୍ୱବିଦ୍ୟାଳୟମାନଙ୍କର ପ୍ରଫେସର ଚଉକି ହେଉ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ୍ କଲେଜ ସ୍ଥାପନା ହେଉ କିମ୍ବା ଛଉ ନୃତ୍ୟର ପୃଷ୍ଠପୋଷକତା ହେଉ, ସବୁଥିରେ ଗଡ଼ଜାତର ରାଜା ମହାରାଜାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ସେମାନଙ୍କର ଅନ୍ୟାନ୍ୟ ଦୁର୍ବଳତା ଓ ଅତ୍ୟାଚାର ସତ୍ତ୍ୱେ ଆମମାନଙ୍କୁ ଏକଥା ସ୍ୱୀକାର କରିବାକୁ ପଡ଼ିବ । ସ୍ୱାଧୀନତୋତ୍ତର ଓଡ଼ିଶାରେ ଏପରି ପୃଷ୍ଠପୋଷକତା ପାଇଁ ପ୍ରତିଭାବାନ୍ ବ୍ୟକ୍ତି ଓ ଅନୁଷ୍ଠାନମାନେ ଏବେ ସରକାରଙ୍କୁ ଅପେକ୍ଷା କରି ରହୁଛନ୍ତି । ହଜାର ହଜାର କୋଟି ଟଙ୍କାର ଋଣଭାରରେ ନଇଁ ପଡ଼ିଥିବା ସରକାର ଏହି ଦାୟିତ୍ୱ ନିର୍ବାହ କରିବାପାଇଁ ଆଜି ସମର୍ଥ ନୁହଁନ୍ତି । ଗତ ୫୦ ବର୍ଷ ଭିତରେ ନୂଆ ବ୍ୟବସ୍ଥାର ସମସ୍ତ ସୁବିଧାସୁଯୋଗକୁ ଉପଭୋଗ କରି ବିତ୍ତଶାଳୀ ଓ ପ୍ରଭାବଶାଳୀ ହୋଇଥିବା ବ୍ୟକ୍ତି ଓ ଅନୁଷ୍ଠାନମାନେ ମଧ୍ୟ ଏ ଦାୟିତ୍ୱ ନିଭାଇବା ପାଇଁ ଆଗେଇ ଆସୁନାହାନ୍ତି । ଏହା ହିଁ ଆଜି ଆମପାଇଁ ସବୁଠାରୁ ବଡ଼ ବିଡ଼ମ୍ବନା ହୋଇଛି । ଆଦିବାସୀ ଅଧ୍ୟୁଷିତ ଓଡ଼ିଶାର ଅନ୍ୟତମ ଖେଳ ପ୍ରତିଭା ଦିଲ୍ଲୀପ ତିର୍କୀ ଭାରତୀୟ ହକିର ଆଜି ସର୍ବୋଚ୍ଚ ସ୍ୱୀକୃତିର ଅଧିକାରୀ ହୋଇଛନ୍ତି । ଆମେ କିନ୍ତୁ ଏଭଳି ସ୍ୱାଭାବିକ ପ୍ରତିଭାମାନଙ୍କର ବିକାଶ ପାଇଁ କରିଛୁ କ'ଣ? ତାଙ୍କର ସଫଳତାକୁ ନିଜର ପ୍ରଚାର ପାଇଁ ବ୍ୟବହାର କରିବା ନିମନ୍ତେ ସେଲ୍, ଇଣ୍ଡିଆନ୍ ଏୟାର୍‌ଲାଇନସ ଏବଂ ନାଲ୍‌କୋ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ ଚାକିରି ଖଣ୍ଡିଏ ଦେଇ ଆମେ ବେଶ୍ ଗର୍ବ ଅନୁଭବ କରୁଛୁ । ହକି ଖେଳ ପାଇଁ ଆମର ଆଦିବାସୀ ଭାଇମାନଙ୍କ ମଧ୍ୟରେ ଏକ ସ୍ୱାଭାବିକ ପ୍ରତିଭା ଅଛି । ସେମାନଙ୍କୁ ଆନ୍ତର୍ଜାତିକ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ କରାଇବାକୁ ହେଲେ ଆଷ୍ଟ୍ରୋ ଟର୍ଫ ପଡ଼ିଆ ପରି ଭିତ୍ତିଭୂମି ଏବଂ ନିୟମିତ ଆନ୍ତର୍ଜାତିକ ସ୍ତରର ଅଭ୍ୟାସ ଦରକାର । ସେଥିପାଇଁ ବହୁ ଅର୍ଥର ଆବଶ୍ୟକତା ରହିଛି । ଏ ଆବଶ୍ୟକତା ପୂରଣ କରିବା ଦୂରେ ଥାଉ, ସରକାର ଖେଳ ପ୍ରତିଭାମାନଙ୍କୁ ଉତ୍ସାହିତ କରିବାପାଇଁ ଆରମ୍ଭ ହୋଇଥିବା ସ୍ପୋର୍ଟସ୍ ହଷ୍ଟେଲ୍‌ଗୁଡ଼ିକୁ ମଧ୍ୟ ଠିକ୍ ଭାବେ ଚଳାଇପାରୁନାହାନ୍ତି । ବର୍ଷ ବର୍ଷ ଧରି ବିଦ୍ୟୁତ୍ ବିଲ୍ ଦିଆ ହୋଇ ନ ଥିବାରୁ ସେଗୁଡ଼ିକ ଆଜି ଅନ୍ଧକାରରେ । ଖେଳାଳିମାନଙ୍କୁ ପୁଷ୍ଟିସାର ଖାଦ୍ୟ ଯୋଗାଇଦେବା ନିମନ୍ତେ ଆସୁଥିବା ଅର୍ଥ ଏହି ଅନ୍ଧକାରକୁ ଦୂର କରିବାପାଇଁ ସଇଠ କରାଯାଉଛି ଏବଂ ସେମାନଙ୍କର ଭବିଷ୍ୟତକୁ ଜାଣିଶୁଣି ଆହୁରି ଘନ ଅନ୍ଧକାର ମଧ୍ୟକୁ ଠେଲିଦିଆଯାଉଛି । ସେମାନଙ୍କୁ କ୍ଷୀର ଓ ଅଣ୍ଡା ନ ଦେଇ ଖାଲି ପେଟରେ ପାଣି ପିଆଇ ଓଡ଼ିଶା ପାଇଁ ପଦକ ଜିଣିବାକୁ ଆମେ କହିପାରିବା କି? ଆମ ମୁଖ୍ୟମନ୍ତ୍ରୀ ଏବଂ କ୍ରୀଡ଼ାମନ୍ତ୍ରୀ ଏହାର ଖବର ରଖିଛନ୍ତି କି ନାହିଁ ମୁଁ ଜାଣେନାହିଁ । ମୁଖ୍ୟମନ୍ତ୍ରୀ ତାଙ୍କ କ୍ଷମତା କିପରି ଅକ୍ଷତ ରହିବ, ସେଥିପାଇଁ ବ୍ୟସ୍ତ ତ, କ୍ରୀଡ଼ାମନ୍ତ୍ରୀ କ୍ରୀଡ଼ା ବିଭାଗରୁ ମୁକ୍ତି ପାଇ ଆଉ ଏକ ଦୁଧିଆଳୀ ବିଭାଗ କିପରି ପଦୋନ୍ନତି ସୂତ୍ରରେ ପାଇବେ, ସେଥିପାଇଁ ବେଶ ଚିନ୍ତିତ । ମନ୍ଦାକିନୀ କଥା ଚିନ୍ତା କରିବାକୁ ତାଙ୍କୁ ସମୟ କାହିଁ? ଶୁଭ୍ରକଳି ଓ ମନ୍ଦାକିନୀମାନେ ଓଡ଼ିଶାର ସାମ୍ପ୍ରତିକ ପରିସ୍ଥିତିକୁ ନିଚ୍ଛକ ଭାବେ ପ୍ରତିଫଳିତ କରୁଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଶାରେ ଆମର ସବୁକିଛି ଅଛି; କିନ୍ତୁ ଦେଖିବାକୁ ଗଲେ କିଛି ନାହିଁ । ମାଟି ତଳେ ଅମୂଲ୍ୟ ଖଣିଜ ସମ୍ପଦ, ମାଟି ଉପରେ ଲୋଭନୀୟ ବନ୍ୟ ସମ୍ପଦ, ମାଟି ପାଖରେ ସମ୍ଭାବନାପୂର୍ଣ୍ଣ ସୁଦୀର୍ଘ ବେଳାଭୂମି, ଉପରେ ଜଗନ୍ନାଥଙ୍କର ଆଶୀର୍ବାଦ ଓ ତଳେ ୪ କୋଟି ସରଳ ନିଷ୍କପଟ ଆତ୍ମବିଶ୍ୱାସ ଓ ଇଚ୍ଛାଶକ୍ତି ହରାଇ ବସିଥିବା ଜନସାଧାରଣ । ଶୁଭ୍ରକଳିମାନଙ୍କୁ ପ୍ରସ୍ଫୁଟିତ ହେବାକୁ ହେଲେ ବା ମନ୍ଦାକିନୀମାନଙ୍କୁ ଚିରସ୍ରୋତା କରିବାକୁ ହେଲେ ଏଥିରୁ ମୁକ୍ତି ପାଇବାକୁ ପଡ଼ିବ । ଏଥିପାଇଁ ଆବଶ୍ୟକ ପ୍ରବଳ ଇଚ୍ଛାଶକ୍ତି ଓ ଦୃଢ଼ ସଂକଳ୍ପ, ବିକଳ୍ପ ଚିନ୍ତା ଓ ଏକ ବିକଳ୍ପ ନେତା । ଓଡ଼ିଶାର ପ୍ରତ୍ୟେକ ସଫଳକାମ ବ୍ୟକ୍ତି ଓ ଅନୁଷ୍ଠାନ ସରକାରଙ୍କ ଉପରେ ନିର୍ଭର ନ କରି ଏଭଳି ସଂକଳ୍ପର ପ୍ରତୀକ ସାଜନ୍ତୁ । ଶୁଭ୍ରକଳି ଓ ମନ୍ଦାକିନୀମାନଙ୍କର ଉଦାର ପୃଷ୍ଠପୋଷକ ହୁଅନ୍ତୁ । ଆଜି ଜଗନ୍ନାଥଙ୍କ ପାଖରେ ଆମର ଏତିକି ପ୍ରାର୍ଥନା ।